## ସଂକ୍ଷେପରେ

### ପଦ୍ମନାଭପୁରରେ ଠାକୁରାଣୀ ଯାତ୍ରା

ଦିଗପହଣ୍ଡି,୧୭।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କନକଦୁର୍ଗା ଠାକୁରାଣୀଙ୍କ ଯାତ୍ରା ମହୋତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ବିଳମ୍ବିତ ସନ୍ଧ୍ୟାରେ ମନ୍ଦିର ପୀଠରେ ମା'ଙ୍କୁ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଅସ୍ଥାୟୀ ଯାତ୍ରା ପୀଠକୁ ଆବାହନ କରାଯାଇଥିଲା। ମା'ଙ୍କ ମସ୍ତକରୁ ଫୁଲମଣ୍ଡା ଖସିବା ପରେ ତାଙ୍କୁ ବିରାଟ ଶୋଭାଯାତ୍ରାରେ ସେବାୟତ ଓ ଗ୍ରାମବାସୀମାନେ ନେଇ ଅସ୍ଥାୟୀ ପୀଠରେ ପହଞ୍ଚିଥିଲେ। ୭ ଦିନ ବ୍ୟାପୀ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା କରାଯିବା ସହ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାହି ବସ୍ତିକୁ ମା'ଙ୍କ ଘଟ ପରିକ୍ରମା କରାଯିବ ବୋଲି ଯାତ୍ରା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ମିନା ବଜାର ସାଙ୍ଗକୁ ରାମ ଦୋଳି ଏବଂ ପ୍ରତି ସାହିରେ ଆକର୍ଷଣୀୟ କଳାକୁଞ୍ଜ ନିର୍ମାଣ କରାଯାଇଛି। ଯାତ୍ରା ପରିଚାଳନା କମିଟି ସଭାପତି ବି . କ୍ରିଷ୍ଣାରାଓ ସୁବୁଦ୍ଧି, ଉପସଭାପତି ଶଙ୍କର ସୁବୁଦ୍ଧି, ସମ୍ପାଦକ ଶିବପ୍ରସାଦ ସାହୁ, ସହ ସମ୍ପାଦକ ସୁଶାନ୍ତ ସେଠୀ, କୋଷାଧ୍ୟକ୍ଷ ନାରାୟଣ ସାହୁଙ୍କ ସମେତ ସମସ୍ତ ଯାତ୍ରା କମିଟି ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

### ରାମନବମୀ ଉତ୍ସବ

ଆସିକା, ୧୭।୪ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସହର ଓ ଗ୍ରାମାଞ୍ଚଳରେ ବିଜେ ରଘୁନାଥ ମନ୍ଦିର ଓ ହନୁମାନ ମନ୍ଦିରରେ ବୁଧବାର ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ଜୟନ୍ତୀ ପାଳିତ ହୋଇଥିଲା। ବିଭିନ୍ନ ମନ୍ଦିରରେ ଭୋରରୁ ଦ୍ୱାର ପୂଜା, ମଙ୍ଗଳ ଆଳତୀ, ମଇଲମ, ଅବକାଶ ତଡପ ଲାଗି ନୀତି ପରେ ସ୍ୱତନ୍ତ୍ର ବେଶ କରାଯାଇଥିଲା। ମଧ୍ୟାହ୍ନରେ ପୂଜା, ହୋମ, ଆରତୀ ଓ ପୁଷ୍ପାଞ୍ଜଳି ପରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ବିଭିନ୍ନ ମନ୍ଦିରରେ ହରିନାମ ସଂକୀର୍ତ୍ତନ, ଶ୍ରଦ୍ଧାଳୁଙ୍କୁ ପଣା ଓ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଆସିକା ଏନ୍‌ଏସିର ସୁନାମ୍ଧ ସାହି, ବସଷ୍ଟାଣ୍ଡ, ଲଛମନପଲ୍ଲୀ ପାକଲାପଲ୍ଲୀ ରଘୁନାଥ ମନ୍ଦିର ସାଙ୍ଗକୁ ଜେଲ ପରିସରରେ ଥିବା ହନୁମାନ ମନ୍ଦିରରେ ଏହି ପୂଜା ପାଳିତ ହୋଇଥିଲା। ଦେବଭୂମି ଓ ନିରାଳ ଗ୍ରାମରେ ମଧ୍ୟ ଶ୍ରଦ୍ଧାଳୁଙ୍କ ସମାଗମରେ ଉତ୍ସବ ପାଳିତ ହୋଇଥିଲା ।

### ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରୁ ନିର୍ବାଚନ ପ୍ରଚାର

ଖଲ୍ଲିକୋଟ,୧୭।୪(ପ୍ରଶାନ୍ତ କୁମାର ମିଶ୍ର)

ବୁଧବାର ବିଜୁବାବୁଙ୍କ ୨୭ ତମ ଶ୍ରାଦ୍ଧ ଦିବସରେ ଖଲ୍ଲିକୋଟଠାରେ ବିଧାୟିକା ପ୍ରାର୍ଥୀ ସୂର୍ଯ୍ୟମଣୀ ବୈଦ୍ୟ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ନିଜ ବାସଭବନ ନିକଟସ୍ଥ ପଡିଆରେ ଅନୁଷ୍ଠିତ ବିଜୁବାବୁଙ୍କ ତିରୋଧାନ ଦିବସରେ ହଜାର ହଜାର ବିଜୁପ୍ରେମୀ ଯୋଗ ଦେଇ ସ୍ୱର୍ଗତ ବିଜୁବାବୁଙ୍କୁ ନିଜର ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଜେଡି ବିଧାୟିକା ପ୍ରାର୍ଥୀ ଓ ଆସିକା ଏମ୍‌ପି ପ୍ରାର୍ଥୀ ରଞ୍ଜିତା ସାହୁ ଉପସ୍ଥିତ ବିଜୁପ୍ରେମୀ ମାନଙ୍କୁ ହାତ ଯୋଡ଼ି ଭୋଟ ଭିକ୍ଷା କରିଥିଲେ। ଆୟୋଜିତ ଶ୍ରାଦ୍ଧ ବାର୍ଷିକୀରେ ବିଜେଡି ପ୍ରାର୍ଥୀନୀ ସୂର୍ଯ୍ୟମଣି ବୈଦ୍ୟ ଓ ସାଂସଦ ପ୍ରାର୍ଥୀନୀ ଡ଼ଃ ରଂଜିତା ସାହୁ ବିଜୁବାବୁଙ୍କ ସ୍ମୃତି ଚାରଣ କରିଥିଲେ। ବିଜୁ ବାବୁଙ୍କ ଶ୍ରାଦ୍ଧ ବାର୍ଷିକୀରେ ବରିଷ୍ଠ ବିଜେଡି ନେତା ହର ପ୍ରସାଦ ସାହୁ, ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ଜିଲା ପରିଷଦ ସଭ୍ୟା ସୋନମ ପଲାଇ, ଚନ୍ଦନା ସେଠୀ, ବରିଷ୍ଠ ବିଜେଡି ନେତା କିଶୋର ପଲାଇ, ମାଗୁଣି ପଲାଇ, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମ ମୋହନ ପଣ୍ଡା, ବିଜେଡ଼ି ନେତା ରତ୍ନାକର ସାହୁ, ନଗର ବିଜେଡି ସଭାପତି ନରେନ୍ଦ୍ର କୁମାର ପାତ୍ର, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଭିକାରି ଚରଣ ପାଣ୍ଡୀ ପ୍ରମୁଖଯୋଗ ଦେଇଥିଲେ।

### ରାମ ନବମୀରେ ଭାଜପା ଓ ଆରଏସଏସର ବାଇକ ରାଲି

ବୁଗୁଡ଼ା,୧୭।୪(କାଳିଚରଣ ଦାଶ)

ପବିତ୍ର ରାମ ନବମୀ ଉପଲକ୍ଷେ ଭାଜପା ଓ ଆରଏସଏସର ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ଘୁମୁସର ଜିଲା ଭାଜପା ସଭାପତି ତଥା ପୋଲସରା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଳିକ, ଉପସଭାପତି ପ୍ରଭାକର ପଣ୍ଡାଙ୍କ ନେତୃତ୍ୱରେ ଏକ ବାଇକ ରାଲି ପୋଲସରା ରୋଡ଼ର ସନ୍ତୋଷୀ ମନ୍ଦିର ନିକଟରୁ ବାହାରି ସହର ପରିକ୍ରମା କରିଥିଲା। ରାମ, ଲକ୍ଷ୍ମଣ ଓ ସୀତା ବେଶଧାରୀଙ୍କ ସମେତ ଶହ ଶହ କର୍ମୀ ଜୟ ଶ୍ରୀରାମ ନାରା ଦେଇ ଏହି ବାଇକ ରାଲିରେ ସାମିଲ ହୋଇଥିଲେ।

# ବାଲିଘାଟକୁ କେନ୍ଦ୍ରକରି ଉତ୍ତେଜନା, ୧୦ ଗିରଫ

## ଥାନା ଘେରିଲେ ଗ୍ରାମବାସୀ

ଆସିକା,୧୭।୪ (ସୁରେନ୍ଦ୍ର ନାଥ ସାହୁ)



ଆସିକା ଥାନା ସମ୍ମୁଖରେ ପୋଲିସ ଓ ଗ୍ରାମବାସୀ।

ଗଞ୍ଜାମ ଜିଲା ଶେରଗଡ଼ ତହସିଲର ଆସିକା ଥାନା ଅନ୍ତର୍ଗତ ପାକିଡିସ୍ଥିତ ଋଷିକୂଲ୍ୟା ନଦୀର ବାଲିଘାଟରୁ ବାଲି ଉଠାଇବାକୁ କେନ୍ଦ୍ରକରି ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ବାଲିଘାଟ ଗୁତାଦାର ସୁଧାନିଧି ଚୌଧୁରୀଙ୍କ ପକ୍ଷରୁ ମଙ୍ଗଳବାର ଆସିକା ପୋଲିସରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା । ଏହି ଅଭିଯୋଗରେ ପାକିଡି ଗ୍ରାମର କେତେକ ବ୍ୟକ୍ତି ଗୁତାଦାରଙ୍କୁ ଦୈନିକ ୧ଲକ୍ଷ ଟଙ୍କା ଦାଦାବଟି ମାଗିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଏହି ଅଭିଯୋଗକୁ ଭିତ୍ତି କରି ୨୯୫/୨୪ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ମାମଲାରେ ପାକିଡି ଗ୍ରାମର ୧୦ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ହରିଶ ଖଟେଇ, ମାଧବ ସ୍ୱାଇଁ, ସଂପଦ ନାହାକ, ସୁଶାନ୍ତ ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ, ବିକାଶ ମଳିକ, ଶୁକ୍ରାଚାର୍ଯ୍ୟ ସ୍ୱାଇଁ, ସନ୍ୟାସୀ ସ୍ୱାଇଁ, ପିଣ୍ଟୁ ସ୍ୱାଇଁ ଓ ଦୁଃଖିଶ୍ୟାମ ସ୍ୱାଇଁ । ପୋଲିସ ଏହି ମାମଲାରେ ୪୦ଜଣ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଛାଡିଥିବା ଜଣାପଡିଛି । ଅପରପକ୍ଷେ ଏହି ଘଟଣାକୁ କେନ୍ଦ୍ର କରି ବୁଧବାର ପାକିଡି ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଶତାଧିକ ପୁରୁଷ ଓ ମହିଳା ଆସିକା ଥାନା ସମ୍ମୁଖରେ ପହଞ୍ଚି ଦୀର୍ଘ ସମୟ ଧରି ଥାନା ସମ୍ମୁଖରେ ଭିଡ ଜମାଇବା ସହ ଭିତରକୁ ଧସେଇ ପସିବା ଲାଗି ଉଦ୍ୟମ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ଲାଗି ପୋଲିସ ଓ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଦୀର୍ଘ ସମୟ ପରେ ପରିସ୍ଥିତି ଶାନ୍ତ ପଡିଥିବା ଜଣାପଡିଛି। ଆସିକା ଏସ୍‌ଡିପିଓ ସଂଜୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆସିକା ଥାନା ଅଧିକାରୀଙ୍କ ସମେତ ହିଞ୍ଜିଳି, ସୋରଡା, ବେଲଗାଁ, ବଡଗଡ ଓ କୋଟିନଡା ଥାନା ଅଧିକାରୀଙ୍କ ସହ ସଶସ୍ତ୍ର ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅପରପକ୍ଷେ ବାଲିଘାଟ ଲିଜଧାରୀ ପାକିଡି ନଦୀରେ ବହୁତ ଖାଲ କରି ବାଲି ନେଉଥିବାରୁ ପାଣି ଖାତରେ ପଡି ଶିଶୁଙ୍କ ପ୍ରାଣ ହାନୀ ଆଶଙ୍କା କରାଯାଉଥିଲା ବେଳେ ବାଲିଘାଟରେ ଅଶାଳୀନ ଭାଷା ପ୍ରୟୋଗ ଓ ଭିଡ ଯୋଗୁଁ ଗ୍ରାମର ମହିଳା ନଦୀକୁ ସ୍ନାନ ଶୌଚ ଲାଗି ଯିବା ମଧ୍ୟ ଅସୁରକ୍ଷିତ ମନେକରୁଥିବା ଥାନା ସମ୍ମୁଖରେ ରହିଥିବା କେତେକ ମହିଳା ଅଭିଯୋଗ କରିଥିବା ଲକ୍ଷ୍ୟ କରାଯାଇଛି ।

# ବିଜୁଙ୍କ ଶ୍ରାଦ୍ଧ ଦିବସରେ ବିଜେଡିର ଶକ୍ତି ପ୍ରଦର୍ଶନ



ବିଜେଡ଼ିର ବାଇକ୍ ରାଲି ।

ଭଞ୍ଜନଗର,୧୭।୪(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ଏବଂ ନଗର ବିଜେଡ଼ି ପକ୍ଷରୁ ବୁଧବାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏ ନେଇ ବ୍ଲକ ଛକରୁ ବିଜେଡ଼ି ନେତା ଏବଂ କର୍ମୀମାନେ ଏକ ବିରାଟ ବାଇକ୍ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ଏହି ସମୟରେ ସହରର ବିଭିନ୍ନ ସ୍ଥାନରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସହ ଅନ୍ୟାନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ବାଉଁଶଲୁଣ୍ଡିସ୍ଥିତ ବିଜୁ ସ୍ମୃତି ଭବନଠାରେ ଏକ ପଥପ୍ରାନ୍ତ ସଭା ହୋଇଥିଲା। ଏଥିରେ ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲଟି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଜିଲା ବିଜେଡ଼ି ଉପ ସଭାପତି ରାଜକୁମାର ସାହୁ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସୁଧୀର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭବାନୀ ଶଙ୍କର ପ୍ରଧାନ, ବିଜେଡ଼ି ନେତା କୁଲୁ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଶୁଳପାଣି ଶତପଥି ସଭା ସଂଯୋଜନା କରିଥିଲେ ।

# ଆଜିଠାରୁ ନାମାଙ୍କନ ପତ୍ର ଦାଖଲ

## ବ୍ରହ୍ମପୁର ଲୋକସଭା, ୫ ବିଧାନସଭା ଆସନ

ଛତ୍ରପୁର,୧୭।୪(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ବ୍ରହ୍ମପୁର ଲୋକସଭା ଆସନ ଏବଂ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଓ ଚିକିଟି ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ ୧୮ ତାରିଖ ଗୁରୁବାରଠାରୁ ଆରମ୍ଭ ହେବ। ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ଏବଂ ୨୬ରେ ନାମାଙ୍କନ ପତ୍ର ଯାଞ୍ଚ ହେବ। ୨୯ରେ ଦାଖଲର ଶେଷ ଦିବସ ରହିଛି। ଉକ୍ତ ଆସନଗୁଡିକ ପାଇଁ ମେ ୧୩ ତାରିଖରେ ଭୋଟ ଗ୍ରହଣ ହେବ। ଜୁନ୍ ୪ ରେ ଭୋଟ ଗଣତି ହେବ ବୋଲି ଧାର୍ଯ୍ୟ ହୋଇଛି। ବ୍ରହ୍ମପୁର ଲୋକସଭା ଆସନ ପାଇଁ ଗଞ୍ଜାମ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ)ଙ୍କ ଠାରେ ନାମାଙ୍କନପତ୍ର ଦାଖଲ ହେବ। ଛତ୍ରପୁର ବିଧାନସଭା ଆସନ ପାଇଁ ଛତ୍ରପୁର ଉପଜିଲାପାଳ, ବ୍ରହ୍ମପୁର ବିଧାନସଭା ଆସନ ପାଇଁ ଅତିରିକ୍ତ ଜିଲାପାଳ (ରାଜସ୍ୱ), ଦିଗପହଣ୍ଡି ଓ ଗୋପାଳପୁର ବିଧାନସଭା ଆସନ ପାଇଁ ବ୍ରହ୍ମପୁର ଉପଜିଲାପାଳ ଏବଂ ଚିକିଟି ବିଧାନସଭା ଆସନ ପାଇଁ ବ୍ରହ୍ମପୁର ସହକାରୀ ଉପଜିଲାପାଳଙ୍କ ଠାରେ ନାମାଙ୍କନପତ୍ର ଦାଖଲ ହେବ ବୋଲି ସୂଚନା ଦିଆଯାଇଛି। ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୨୪ ଟି ବୁଥ ରହିଥିବା ବେଳେ ୨ ଲକ୍ଷ ୩୫ ହଜାର ୬୪୮ ଭୋଟର ରହିଛନ୍ତି । ସେହିପରି ଗୋପାଳପୁରରେ ୨୧୩ଟି ବୁଥ୍ ରହିଥିବା ବେଳେ ୨ ଲକ୍ଷ ୨୫ ହଜାର ୮୭୧ ଭୋଟର , ବ୍ରହ୍ମପୁରରେ ୧୭୨ ଟି ବୁଥ ରହିଥିବା ବେଳେ ୨ ଲକ୍ଷ ୨୪ ହଜାର ୩୫୮ ଭୋଟର , ଦିଗପହଣ୍ଡିରେ ୨୫୬ ଟି ବୁଥ ରହିଥିବା ବେଳେ ୨ ଲକ୍ଷ ୨୫ ହଜାର ୩୮୮ ଭୋଟର ଏବଂ ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୪୧ ଟି ମତଦାନ କେନ୍ଦ୍ର ରହିଥିବା ବେଳେ ୨ ଲକ୍ଷ ୧୫ ହଜାର ୫୮୨ ଜଣ ଭୋଟର ରହିଛନ୍ତି।

### ବିଜୁବାବୁଙ୍କ ତିରୋଧାନ ଦିବସ

ଦିଗପହଣ୍ଡି,୧୭।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ନୂଆ ବସଷ୍ଟାଣ୍ଡ ନିକଟ ବିଜେଡି କାର୍ଯ୍ୟାଳୟ ପରିସରରେ ଏନ୍‌ଏସି ଓ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ବିଭୂତି ଭୂଷଣ ମହାପାତ୍ର ଓ ନଗର ବିଜେଡି ସଭାପତି ତାରାପ୍ରସାଦ ପଟ୍ଟନାୟକଙ୍କ ମିଳିତ ସଂଯୋଜନାରେ ପୁଞ୍ଜିକୟାଁ ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଜେଡି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ମୃତିସଭାରେ ଏମ୍‌ପି ପ୍ରତିନିଧି ନିରୂପମା ପଟ୍ଟନାୟକ, ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ବିଜେଡି ଯୁବ ସଭାପତି ଏମ୍.ନିରଞ୍ଜନ ରେଡ୍ଡୀ, ବିଜେଡି ଜିଲା ଉପସଭାପତି ବି. କ୍ରିଷ୍ଣାରାଓ ସୁବୁଦ୍ଧି, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନ, ପୂର୍ବତନ ନଗରପାଳ ହୃଦୟ ରଞ୍ଜନ ମେକାପ, ଭି. ରବିନାରାୟଣ ରାଜୁ, ଉମା ମହେଶ୍ୱରୀ ସେଠୀ, ମନୋରଞ୍ଜନ ଗୌଡଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ।

### ବିଧାୟକଙ୍କ ସହ ମିଶିଲେ ବିରୋଧୀ ଗୋଷ୍ଠୀ

#### ଛତ୍ରପୁର ବିଧାନସଭା ଆସନ

ଛତ୍ରପୁର,୧୭।୪(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲା ଛତ୍ରପୁର ବିଧାୟକଙ୍କୁ ନେଇ ବିଜେଡିରେ ଏକ ବିରୋଧୀ ଗୋଷ୍ଠୀ ମୁଣ୍ଡ ଟେକିଥିଲା । ପଞ୍ଚାୟତ ନିର୍ବାଚନ ଏବଂ ପରେ ବ୍ଲକ ଅଧ୍ୟକ୍ଷା ନିର୍ବାଚନକୁ ନେଇ ବିଧାୟକ ବିରୋଧୀ ଗୋଷ୍ଠୀ ବେଶ୍ ସକ୍ରିୟ ହୋଇଉଠିଥିଲେ । ତେବେ ବୁଧବାର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ଶରଣାପନ୍ନ ହୋଇଛନ୍ତି ଉକ୍ତ ବିରୋଧି ଗୋଷ୍ଠୀ। ଫଳରେ ଛତ୍ରପୁର ବିଧାୟକଙ୍କୁ ବଡ ଆଶ୍ୱସ୍ତି ମିଳିଥିବା ବେଳେ ବିଜେଡିରେ ଗୋଷ୍ଠୀ କନ୍ଦଳ ଥମିଥିବା ଆଲୋଚନା ହେଉଛି। ବିଧାୟକ ସୁବାସଙ୍କୁ ଚଳିତ ଥର ବିଧାୟକ ପ୍ରାର୍ଥୀ ଭାବେ ବିଜେଡି ରିପିଟ୍ କରିଛି। ସୂଚନାଯୋଗ୍ୟ ପୂର୍ବରୁ ଏକ ବଡ ବିରୋଧି ଗୋଷ୍ଠୀ ବିଧାୟକଙ୍କ ବିରୋଧରେ ଛତ୍ରପୁର ଓ ଗଞ୍ଜାମରେ ଗୋଟିଏ ଲେଖାଏଁ ବୈଠକ କରିଥିଲେ ଏବଂ ସୁବାସଙ୍କୁ କଡା ସମାଲୋଚନା କରିଥିଲେ । ଏପରିକି ବିଧାୟକଙ୍କ ନେତୃତ୍ୱରେ ହେଉଥିବା କୌଣସି ଦଳୀୟ କାର୍ଯ୍ୟକ୍ରମରେ ଏହି ଗୋଷ୍ଠୀ ସାମିଲ ହେଉନଥିଲେ। ତାଙ୍କୁ ପୁଣି ଟିକେଟ ଦିଆଯିବାକୁ ନେଇ ଏମାନେ ବିରୋଧ କରୁଥିଲେ। ତେବେ ବୁଧବାର ଅନୁଷ୍ଠିତ ବିଜୁବାବୁଙ୍କ ତିରୋଧାନ ଦିବସରେ ବିଧାୟକଙ୍କ ସହ ଏହି ବିରୋଧି ଗୋଷ୍ଠୀ ମିଶିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଗତ ସପ୍ତାହରେ ବିଜେଡିରେ ଥିବା ବିଧାୟକ ବିରୋଧି ଗୋଷ୍ଠୀଙ୍କୁ ଭୁବନେଶ୍ୱର ଡାକି ୫-ଟି ଅଧ୍ୟକ୍ଷ ଓ ଦଳର ସମ୍ପାଦକ ଆଲୋଚନା କରିବା ସହ ବିଜୟର ଗୁରୁମନ୍ତ୍ର ଦେଇଥିଲେ। ସମାଧାନର ବାଟ ବାହାରିଥିବା କୁହାଯାଇଥିଲା, ଯାହା ପ୍ରମାଣିତ ହୋଇଛି। ଛତ୍ରପୁର ବିଧାନସଭା ଓ ବ୍ରହ୍ମପୁର ଲୋକସଭା ଆସନ ପାଇଁ ଗୁରୁବାରଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ । ନିର୍ବାଚନ ପ୍ରଚାରରେ ସାମିଲ ହେବୁ ଏବଂ ସୁବାସ ବାବୁ ବିପୁଳ ଭୋଟରେ ବିଜୟୀ ହେବେ ବୋଲି ବିଧାୟକଙ୍କ ସହ ମିଶିଥିବା ବିରୋଧି ଗୋଷ୍ଠୀ ପକ୍ଷରୁ କୁହାଯାଇଛି।

# ଭାଜପା ଛାଡ଼ି ବିଜେଡିରେ ମିଶିଲେ ବେଲଗୁଣ୍ଠାର ୩୦ ସଙ୍ଗଠକ

ଭଞ୍ଜନଗର/ସୋରଡ଼ା,୧୭।୪
(ବାବୁଲା ପ୍ରଧାନ/ଲମ୍ବୋଧର ପାଣିଗ୍ରାହୀ)



ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କୁ ସ୍ୱାଗତ କରାଯାଉଛି ।

ଗଞ୍ଜାମ ଜିଲା ସୋରଡ଼ା ନିର୍ବାଚନ ମଣ୍ଡଳୀରେ ସବୁ ଦଳର ନେତାମାନେ ବର୍ତ୍ତମାନ ଦଳ ବଦଳ କରୁଛନ୍ତି। ଦୁଇଦିନ ପୂର୍ବେ ବେଲଗୁଣ୍ଠା ଏନ୍‌ଏସି ଉପାଧ୍ୟକ୍ଷାଙ୍କ ସମେତ କିଛି ପୂର୍ବତନ କାଉନସିଲର ବିଜେଡ଼ି ଛାଡ଼ିଥିଲେ। ସେମାନେ ଆଗାମୀ ଦିନରେ ଭାଜପାରେ ମିଶିବା ନେଇ ଚର୍ଚ୍ଚା ହେଉଛି। ସେହିପରି ବୁଧବାର ବେଲଗୁଣ୍ଠା ଏନଏସିର ବିଭିନ୍ନ ୱାର୍ଡ଼ର ପ୍ରାୟ ୩୦ ଭାଜପା ସଙ୍ଗଠକ ବିଜେଡ଼ିରେ ମିଶିଥିବା ବିଜେଡ଼ି ପକ୍ଷରୁ ଘୋଷଣା କରାଯାଇଛି। ଏନେଇ ଆଜି ଅପରାହ୍ନରେ ସୋରଡ଼ା ବ୍ଲକ ହୁକୁମା ଠାରେ ବିଜେଡ଼ି ପକ୍ଷରୁ ମିଶ୍ରଣ ପର୍ବ ଆୟୋଜନ ହୋଇଥିଲା। ଆୟୋଜିତ ଖବରଦାତା ସମ୍ମିଳନୀରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ବିଜେଡ଼ି ସଙ୍ଗଠନ ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଜେଡ଼ି ଶାସନ ସମୟରେ ସୋରଡ଼ା ନିର୍ବାଚନମଣ୍ଡଳୀରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିଛି। ବିକାଶର ରଥକୁ ଆଗକୁ ନେବାପାଇଁ ବିଜେଡ଼ି ପ୍ରାର୍ଥୀନୀ ସଂଘମିତ୍ରା ସ୍ୱାଇଁ ଏବଂ ଆସିକା ଏମ୍‌ପି ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କୁ ଆଗାମୀ ଦିନରେ ସହଯୋଗ କରିବା ପାଇଁ ଶ୍ରୀ ସ୍ୱାଇଁ ଉପସ୍ଥିତ କର୍ମୀଙ୍କୁ ନିବେଦନ କରିଥିଲେ । ଆୟୋଜିତ ସଭାରେ ସୋରଡ଼ା ବିଜେଡ଼ି ବିଧାୟକ ପ୍ରାର୍ଥୀ ସଂଘମିତ୍ରା ସ୍ୱାଇଁ, ସୋରଡ଼ା ଏନଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ବ୍ଲକ ଅଧ୍ୟକ୍ଷା ସାଇବାଣୀ ମଲ୍ଲିକ,ବ୍ଲକ ବିଜେଡ଼ି ସଭାପତି ବସନ୍ତ ସ୍ୱାଇଁ,ନଗର ସଭାପତି ସଞ୍ଜୀବ ଅଧିକାରୀ, ବିଜେଡ଼ି ନେତା ରବି ପଣ୍ଡା,ଛାତ୍ର ବିଜେଡ଼ି ନିର୍ବାଚନମଣ୍ଡଳୀ ସଭାପତି ପ୍ରସନ୍ନ ମୁନି, ବେଲଗୁଣ୍ଠା ଏନଏସି ଅଧ୍ୟକ୍ଷ ଫିରୋଜ କୁମାର ସେଠୀ, ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ଉମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଜେଡିର ନିର୍ବାଚନୀ ପ୍ରସ୍ତୁତି ବୈଠକ

ଜି.ଉଦୟଗିରି,୧୭।୪(ଶିଶିର ପଟ୍ଟନାୟକ)

ସ୍ଥାନୀୟ ବ୍ୟବସାୟୀ ସଂଘ ସଭା ଗୃହରେ ଜି.ଉଦୟଗିରି ନଗର ବିଜେଡି ସଭାପତି ପି.ସଞ୍ଜୀବ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ମହିଳା ସଭାନେତ୍ରୀ କୃତାଞ୍ଜଳି ନାୟକ, କାର୍ଯ୍ୟକାରୀ ସଭାପତି ଅନିଲ କୁମାର ଦଳବେହେରା, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାଉନସିଲର ଭାରତୀ ବେହେରା, ସିଦ୍ଧେଶ୍ୱରୀ ନାୟକ, ମୋନାଲିସା ଦଳବେହେରା, ଦୀପକ କୁମାର ନାୟକ, ଲିପିକା ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଚ୍ଛା, ବିଜେଡି ନେତା ପ୍ରଶାନ୍ତ କୁମାର ଦାଶ, ଆମୋଦ ନାୟକ, ଅବନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଠାକୁରାଣୀ ଜମି ଜବରଦଖଲମୁକ୍ତ ପାଇଁ ବୈଠକ

ଧରାକୋଟ,୧୭।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ତହସିଲ କାଠଗଡ଼ା ମୌଜାର ତେଲିଆ ଠାକୁରାଣୀଙ୍କ ମନ୍ଦିର ନିକଟରେ ଥିବା ୨ ଏକରରୁ ଅଧିକ ଜମିକୁ ୩ ଜଣ ବେଆଇନ ଭାବେ ଜବରଦଖଲ କରିଥିବା କାଠଗଡା ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳେଇ ଓ ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକ ସଂପୃକ୍ତ ସ୍ଥାନ ପରିଦର୍ଶନ କରି ଉଭୟଙ୍କୁ ବୁଧବାର ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ ନୋଟିସ ଦେଇଥିଲେ। ସେହି ପ୍ରକାରେ ଉଭୟ ପକ୍ଷ ତହସିଲରେ ଉପସ୍ଥିତ ହୋଇଥିଲେ। ଆପୋଷ ଆଲୋଚନା ପରେ ଜବରଦଖଲ କରିଥିବା ବ୍ୟକ୍ତିମାନେ ଜମିରୁ ହଟିଯିବାକୁ ଲିଖିତ ଭାବେ ସହମତି ଜଣାଇଛନ୍ତି। ଆଗାମୀ ଦିନରେ କାଠଗଡା ଗ୍ରାମବାସୀ ଉକ୍ତ ଜମିରେ ତେଲିଆ ଠାକୁରାଣୀଙ୍କ ଜାନୀ ଯାତ୍ରା ସହ ଅନ୍ୟାନ୍ୟ ଧାର୍ମିକ ଓ ସାମାଜିକ କାର୍ଯ୍ୟ କରିପାରିବେ ବୋଲି ନିଷ୍ପତି ନିଆଯାଇଥିଲା। ଗ୍ରାମବାସୀଙ୍କ ତରଫରୁ ଭଗବାନ ନାୟକ, ଉମ୍ଭ ଗୌଡ଼, ପଞ୍ଚୁ ବେହେରା, ରଞ୍ଜନ ପରିଚ୍ଛା, ପବିତ୍ର ଦଳେଇ ଓ ଜିତୁ ପ୍ରଧାନଙ୍କ ସହିତ ସଂଖ୍ୟାଧିକ ଲୋକ ଉପସ୍ଥିତ ରହିଥିଲେ।

### ସାମ୍ୟବାଦୀ ନେତା ପ୍ରମୋଦଙ୍କ ସ୍ମୃତିସଭା

କବିସୂର୍ଯ୍ୟନଗର,୧୭।୪(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବନଦେବୀ କଲ୍ୟାମଣ୍ଡପଠାରେ ସାମ୍ୟବାଦୀ ଚିନ୍ତାଧାରା ନେତା ପ୍ରମୋଦଚନ୍ଦ୍ର ଦାସଙ୍କ ଦାଦଶାହ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧୦ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡ. ଗୋବିନ୍ଦ ପ୍ରସାଦ ରଥଙ୍କ ପୌରୋହିତ୍ୟରେ ପ୍ରଫେସର କୈଳାସ ନାଥ ସ୍ୱାଇଁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଦିବ୍ୟଜୀବନ ସଂଘ ସଭାପତି ବନମାଳୀ ସ୍ୱାଇଁ, ପ୍ରାକ୍ତନ ଏନ୍‌ଏସି ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର, ଆସିକା ସମବାୟ ବ୍ୟାଙ୍କ (କବିସୂର୍ଯ୍ୟନଗର ଶାଖା)ସଭାପତି ମନ୍ମଥ ପରିଡ଼ା ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ। ଗତ ୫ତାରିଖରେ ପ୍ରମୋଦଚନ୍ଦ୍ରଙ୍କ ପରଲୋକ ଘଟିଥିଲା। କବିସୂର୍ଯ୍ୟନଗର ବିଜେଡି ବିଧାୟିକା ଲତିକା ପ୍ରଧାନ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେଇଥିଲେ।

### ସଂଗ୍ରାମୀ ସାମାଜିକ କର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି

ଗଞ୍ଜାମ,୧୭।୪(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ କୁଶପଲି ଗ୍ରାମରେ ଜନ୍ମ ଲାଭ କରିଥିବା ସଂଗ୍ରାମୀ ତଥା ସାମାଜିକ କର୍ମୀ ଭଗବାନ ବିଶ୍ୱାଳ (୮୪)ଙ୍କ ଶ୍ରଦ୍ଧାଞ୍ଜଳି ସଭା ବ୍ରହ୍ମପୁର ଆମ୍ବପୁଆ ନିକଟସ୍ଥ ବାସଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ତାଙ୍କର ୮୪ ବର୍ଷ ବୟସରେ ପରଲୋକ ହୋଇଥିଲା। ସ୍ୱର୍ଗତ ଭଗବାନ ତାଙ୍କ ଜୀବନ କାଳ ମଧ୍ୟରେ ଅନେକ ସଂଗ୍ରାମ କରି ନିଜ ଅଞ୍ଚଳ ପାଇଁ ବହୁ ଜନହିତକର କାର୍ଯ୍ୟ କରିଥିବା ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ତାଙ୍କ ପୁଅ ବିଦ୍ୟାଧର ବିଶ୍ୱାଳ, ବୋହୂ ମଧୁମିତା ଜେନା ଓ ନାତି ବିଜୟତା ବିଶ୍ୱାଳ, ସାଇ ପ୍ରସାଦ ବିଶ୍ୱାଳ ଓ ନାତୁଣୀ ସୃଷ୍ଟି ସରଞ୍ଜନାଙ୍କ ସମେତ ବହୁ ଶୁଭେଚ୍ଛୁ ଉପସ୍ଥିତ ଥିବା ବେଳେ ବିଜେଡି ଜିଲା ଉପସଭାପତି ଅକ୍ଷୟ ସ୍ୱାଇଁ, ବୁନୁ ପ୍ରମୁଖ ପରିଚାଳନା କରିଥିଲେ।

# ବିଜୁ ବାବୁଙ୍କ ତିରୋଧାନ ଦିବସ ପାଳିତ

ଛତ୍ରପୁର/ଶେରଗଡ଼, ୧୭।୪
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ/ସୂର୍ଯ୍ୟନାରାୟଣ ଦାଶ)



ଛତ୍ରପୁରଠାରେ ବହୁ ନେତା ଓ କର୍ମୀ ତିଳତର୍ପଣ କରୁଛନ୍ତି।

ଛତ୍ରପୁର ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୨୭ତମ ତିରୋଧାନ ଦିବସ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ପ୍ରଭାତରେ ସ୍ଥାନୀୟ ପିଲିବନ୍ଧଠାରେ ତିଳ ତର୍ପଣ ପରେ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ ସହ ଲୋୟର ବସଷ୍ଟାଣ୍ଡଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ଥାନୀୟ ଶିବ କୁମାର ରିଡିଙ୍ଗ ରୁମଠାରେ ଶପଥ ପାଠ ଓ ସ୍ମୃତିଚାରଣ ସଭାରେ ପର୍ଯ୍ୟବେକ୍ଷକ ନାରାୟଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ ବେହେରା ଯୋଗଦେଇ ବିଜୁବାବୁଙ୍କ ଓଡ଼ିଶା ପ୍ରତି ଅବଦାନ ସଂପର୍କରେ କହିଥିଲେ। ମଞ୍ଚାସିନ ଅତିଥିମାନେ ନବୀନ ବାବୁଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବା ପାଇଁ ଭୋଟରଙ୍କ ନିକଟକୁ ଯାଇ ନିବେଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି ପାପାରାଓ, ବିଜେଡି ନଗର ସଭାପତି ବି ରାଜି ବାବୁ, ବ୍ଲକ ଉପାଧ୍ୟକ୍ଷା ଏସ ଶାରଦା ରେଡ୍ଡୀ, ସମିତି ସଭ୍ୟ ଏସ ଚକ୍ରପାଣି ରେଡ୍ଡୀ, ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ପ୍ରଶାନ୍ତ ପଣ୍ଡା, ବରିଷ୍ଠ ନେତା ବାନାମ୍ବର ପଳେଇ, ଜିଲା ପରିଷଦ ସଭ୍ୟ ଏମ ଧନଞ୍ଜୟ ରେଡ୍ଡୀ, ଜିଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ଛବିତା ବେହେରା, ଯୁବ ନେତା ଅନ୍ତର୍ଯ୍ୟାମୀ ବେହେରା, ଶ୍ରମିକ ନେତା ଶଙ୍କର ଦାଶ, ଯୁବନେତା ଜ୍ୟୋତି ରଞ୍ଜନ ସାହୁଙ୍କ ସମେତ ଜନ ପ୍ରତିନିଧି, ଦଳୀୟ ନେତା ଓ ବିଜୁପ୍ରେମୀ ଉପସ୍ଥିତ ଥିଲେ।

ଶେରଗଡ ବିଜେଡି ପକ୍ଷରୁ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଦଳର ନେତା ଓ କର୍ମୀମାନେ ଚାରି ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସମସ୍ତ ନେତା ଓ କର୍ମୀ କରଡାକଣା ଗ୍ରାମର ନନ୍ଦିନୀ ନଦୀ ପଠାରେ ପହଞ୍ଚି ସାମୂହିକ ତିଳତର୍ପଣ କରିଥିଲେ। ଶେଷରେ ଆୟୋଜିତ ସମାବେଶରେ ଯୋଗଦେଇ ନବୀନ ପଟ୍ଟନାୟକଙ୍କୁ ପୁଣି ଜିତାଇବାକୁ ଶପଥ ପାଠ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତଚନ୍ଦ୍ର ମହାପାତ୍ର, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୀନ ବେହେରା, ହୃଷିକେଷ ପାଢୀ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ବିପନ ବିହାରୀ ପାତ୍ର, ଦିଗାମ୍ବ ନାହାକ, ଗୌରହରି ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ।

## ରାମନବମୀ ଶୋଭାଯାତ୍ରାରେ ମହୁମାଛି ଆକ୍ରମଣ, ୩୦ରୁ ଊର୍ଦ୍ଧ୍ୱ ଆହତ

ଖଣ୍ଡୁରିପଡା,୧୭।୪(ବିଦୁର ବେହେରା): ଖଣ୍ଡୁରିପଡ଼ା ମୁଖ୍ୟାଳୟଠାରେ ବୁଧବାର ରାମ ନବମୀ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ଅପରାହ୍ନରେ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରୁଥିବା ବେଳେ ଖଣ୍ଡୁରୀପଡା ଥାନା ପଛପଟ ଏକ ଶିମିଳି ଗଛରେ ବସାବାନ୍ଧିଥିବା ବାଘୁଆ ମହୁମାଛି ହଠାତ୍ ଲୋକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମହୁମାଛି ଆକ୍ରମଣରୁ ରକ୍ଷା ପାଇବା ପାଇଁ ଯିଏ ଯୁଆଡେ ପ୍ରାଣ ବିକଳରେ ଦୌଡୁଥିବା ବେଳେ ଦିବ୍ୟାଙ୍ଗ ପରମାନନ୍ଦ ପ୍ରଧାନ ନିଜର ତିନିଚକିଆ ସାଇକେଲରେ କୁଆଡେ ଯାଇ ନ ପାରି ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଖଣ୍ଡୁରିପଡ଼ା ଏଏସ୍ଆଇ ନାରାୟଣ ପାତ୍ର ସୁରକ୍ଷା ଦେବାକୁ ଯାଇ ନିଜେ ମଧ୍ୟ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ସମସ୍ତ ଆହତଙ୍କୁ ଖଣ୍ଡୁରୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା।

# ଜମି ବିକ୍ରି ନାଁରେ ୪୧ଲକ୍ଷ ଠକେଇ, ଜଣେ ଗିରଫ

ବ୍ରହ୍ମପୁର,୧୭।୪(ସୁବାସ ଚନ୍ଦ୍ର ପାଢ଼ୀ)

ଜାଲ କାଗଜପତ୍ରରେ ଜମି ବିକ୍ରି କରି ଜଣେ ବ୍ୟକ୍ତିଙ୍କ ଠାରୁ ୪୧ ଲକ୍ଷ ୪୦ ହଜାର ଟଙ୍କା ଠକେଇ ହୋଇଛି । ଏପରିକି ବ୍ରହ୍ମପୁର ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଜମି କିଣାବିକା ବେଳେ ପ୍ରକୃତ ଜମି ମାଲିକ ବଦଳରେ ଅନ୍ୟ ଜଣଙ୍କୁ ଛିଡା କରାଇ ପଞ୍ଜିକୃତ କରି ଦିଆଯାଇଛି । ଏ ନେଇ ଅଭିଯୋଗ ପରେ ଟାଉନ ଥାନା ପୋଲିସ ଠକେଇର ମାଷ୍ଟର ମାଇଣ୍ଡଙ୍କୁ ଗିରଫ କରିଛି । ସେ ହେଲେ ଗୋସାଇଁନୂଆଗାଁ ଦଶଘରିଆ ସାହିର କୃଷ୍ଣଚନ୍ଦ୍ର ଚୌଧୁରୀ(୪୦)। ନୀଳାଞ୍ଚଳନଗର ୪ର୍ଥ ଲାଇନର ସୀମାଞ୍ଚଳ ସେଠୀ ଖୋଡାସିଂ ଠାରେ ଥିବା ୪୧ ଡିସିମିଲର ଏକ ଜମି କିଣିବାକୁ ରାମକୃଷ୍ଣ ସାହୁ ଏବଂ ଅଶୋକ କୁମାର ମହାରଣାଙ୍କ ସହ କଥାବାର୍ତ୍ତା କରିଥିଲେ । ଜମିଟି ନୀଳାଞ୍ଚଳନଗର ୩ୟ ଲାଇନ ସଂପ୍ରସାରଣ ନିବାସୀ ସଞ୍ଜୟ କୁମାର ବେହେରାଙ୍କ ନାମରେ ରହିଛି ବୋଲି ସେମାନେ ସୀମାଞ୍ଚଳଙ୍କୁ କହିଥିଲେ । ଜମି ବିକ୍ରି ବାବଦକୁ ମୋଟ ୪୧ ଲକ୍ଷ ୪୦ ହଜାର ଟଙ୍କାରେ ଚୁକ୍ତି ହୋଇଥିଲା । ୨୦୨୩ ଜାନୁଆରୀ ୨୭ ତାରିଖରେ ସଞ୍ଜୟ ବେହେରା ଅଗ୍ରୀମ ବାବଦକୁ ସୀମାଞ୍ଚଳଙ୍କ ଠାରୁ ୫ ଲକ୍ଷ ଟଙ୍କା ନେଇଥିଲେ। ଦଶଘରିଆ ସାହିର କୃଷ୍ଣଚନ୍ଦ୍ରଙ୍କୁ ୧ ଲକ୍ଷ ଟଙ୍କା ପଠାଇଦେବାକୁ ସଞ୍ଜୟ କହିଥିଲେ। ୨୦୨୩ ଫେବୃୟାରୀ ୧୪ ତାରିଖ ସୁଦ୍ଧା ସଞ୍ଜୟ ନଗଦ ଓ ଅନଲାଇନ ନେଣଦେଣ ଜରିଆରେ ମୋଟ ୪୧ ଲକ୍ଷ ୪୦ ହଜାର ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ସଞ୍ଜୟ ବ୍ରହ୍ମପୁର ଉପ ନିବନ୍ଧକଙ୍କ କାର୍ଯ୍ୟାଳୟକୁ ଯାଇ ସୀମାଞ୍ଚଳ ଓ ତାଙ୍କ ସ୍ତ୍ରୀ ରଶ୍ମୀପ୍ରଭା ସେଠୀଙ୍କ ନାମରେ ଜମିଟି ପଞ୍ଜିକୃତ କରାଇଥିଲେ । ହେଲେ କିଛି ମାସ ପରେ ବ୍ରହ୍ମପୁର ଟାଉନ ଥାନା ପକ୍ଷରୁ ଏକ ନୋଟିସ ସୀମାଞ୍ଚଳଙ୍କ ନିକଟକୁ ଆସିଥିଲା। ସେହି ନୋଟିସର ଉତ୍ତର ଦେବାକୁ ସୀମାଞ୍ଚଳ ଓ ତାଙ୍କ ସ୍ତ୍ରୀ ଥାନାରେ ପହଞ୍ଚିବା ପରେ ସେ ଯେଉଁ ଜମିଟି କିଣିଛନ୍ତି ସେହି ଜମିର ମାଲିକ ସଞ୍ଜୟ ନୁହଁ, ଜମିର ପ୍ରକୃତ ମାଲିକ ସ୍ୱର୍ଗତ ନରସିଂହ ପ୍ରସାଦ ପାଢୀ ହୋଇଥିବା ବେଳେ ସେ କିମ୍ବା ତାଙ୍କ ଉତ୍ତରାଧିକାରୀ ଜମିଟି କେବେ କାହରିକୁ ବିକ୍ରି କରିନଥିବା ଜାଣିବାକୁ ପାଇଥିଲେ । ଏହାପରେ ସୀମାଞ୍ଚଳ ଓ ତାଙ୍କ ସ୍ତ୍ରୀ ଠକେଇ ଓ ଷଡଯନ୍ତ୍ରର ଶିକାର ହୋଇଥିବା ଜାଣିଥିଲେ। ଏ ନେଇ ସେମାନେ ସଞ୍ଜୟଙ୍କୁ ପଚରିବାରୁ ଅଭିଯୁକ୍ତ କୃଷ୍ଣଚନ୍ଦ୍ର କିଭଳି ଜାଲିଆତି କରିଛନ୍ତି ତାହା ଜଣାପଡିଥିଲା । ଅନ୍ୟଟେ ସୀମାଞ୍ଚଳଙ୍କଠାରୁ ସଞ୍ଜୟ ଯେଉଁ ଟଙ୍କା ଆଣିଥିଲେ ତାହାକୁ କୃଷ୍ଣଚନ୍ଦ୍ର ନେଇ ଯାଇଥିବା ଜଣାପଡିଥିଲା । ଘଟଣା ସମ୍ପର୍କରେ ସୀମାଞ୍ଚଳ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ବୁଧବାର ଅଭିଯୁକ୍ତ କୃଷ୍ଣଚନ୍ଦ୍ରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ତେବେ ଏହି ଜାଲିଆତିରେ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ହାତ ରହିଥିବା ସନ୍ଦେହ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସକୁ ସୀମାଞ୍ଚଳ ଅନୁରୋଧ କରିଛନ୍ତି ।

## ଭାଜପା ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ



ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର।

ଖଲ୍ଲିକୋଟ,୧୭।୪(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ସହର ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ଭାଜପା ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ କାର୍ ରାଲିରେ ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀ ବାହାରି ରାମନବମୀରେ ଠାକୁର ଦର୍ଶନ କରିବା ସହ ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିଥିଲେ। ଖଲ୍ଲିକୋଟ ସହର ପରିକ୍ରମା କରିବା ସହ ଅଲପୁର, ଚିକିଲି, ଦାନପୁର ଆଦି ପଞ୍ଚାୟତ ବୁଲିଥିଲେ। ଦାନପୁର ପଞ୍ଚାୟତ ଅନ୍ତର୍ଗତ ଝାଡ଼େଶ୍ୱର ମହାଦେବ ନିକଟରେ ଏକ ମିଶ୍ରଣ ପର୍ବରେ ଫାସିପଡ଼ା, ଦେଉଳପଲ୍ଲୀ, ଡେଙ୍ଗାପଦର ଆଦି ଗ୍ରାମର ବହୁ କର୍ମୀ ଭାଜପାରେ ଯୋଗ ଦେଇଥିଲେ।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ଗାଁଠୁ ସହର

ପାରଳାଖେମୁଣ୍ଡି, ୧୭।୪ (ଗିରିଧାରୀ ପରିଚ୍ଛା)

ପବିତ୍ର ରାମ ନବମୀ ଉପଲକ୍ଷେ ଉତ୍ସବମୁଖର ହୋଇଛି ପାରଳାଖେମୁଣ୍ଡି। ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କ ଜନ୍ମଦିନରେ ସମସ୍ତ ରାମ ମନ୍ଦିରରେ ଭିଡ ଦେଖିବାକୁ ମିଳିଛି। ଚଳିତ ବର୍ଷର ଶ୍ରୀରାମ ନବମୀ ଏକ ସ୍ୱତନ୍ତ୍ର ହୋଇଛି। କାରଣ ଅଯୋଧ୍ୟାରେ ଶ୍ରୀ ରାମଲାଲା ସୂର୍ଯ୍ୟ ତିଳକ ଧାରଣ କରିଛନ୍ତି। ଏହି ସୂର୍ଯ୍ୟ ତିଳକ ମଧ୍ୟ ଗଜପତି ମାଟିର ପାରଳାଖେମୁଣ୍ଡି ସହରରେ ଜନ୍ମିତ ସିବିଆଇଆରର ମୁଖ୍ୟ ବୈଜ୍ଞାନିକ ତଥା ମନ୍ଦିର ନିର୍ମାଣର ପ୍ରମୁଖ ଅନୁସନ୍ଧାନକାରୀ ସରୋଜ କୁମାର ପାଣିଗ୍ରାହୀ ମୁଖ୍ୟ ବିଜ୍ଞାଣି ରୂପେ କାର୍ଯ୍ୟ କରିଥିଲେ। ଏହି ଅବସରରେ ଗଜପତି ଜିଲାର ସମସ୍ତ ୭ଟି ବ୍ଲକରେ ଥିବା ପ୍ରାୟ ୫୦ଟି ମନ୍ଦିରରେ ବହୁତ ଭିଡ ଦିଖିବାକୁ ମିଳିଛି। ପାରଳାଖେମୁଣ୍ଡିରେ ବିଶ୍ୱହିନ୍ଦୁ ପରିଷଦ,ବଜରଙ୍ଗୀ ଦଳ ଓ ଆଦିତ୍ୟ ବାହିନୀ ମିଳିତ ଭାବେ ପବିତ୍ର ରାମନବମୀ ଅବସରରେ ଏକ ବିଶାଳ ଶୋଭାଯାତ୍ରା ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ବିଦ୍ୟାପୀଠ ନିକଟରୁ ବାହାରି ଗାନ୍ଧୀଛକ, ରାଜଦାଣ୍ଡ ସାହି ଦେଇ ପୁରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜିଲାରେ ହିନ୍ଦୁତ୍ୱ ଜାଗରଣ ଓ ଧର୍ମାନ୍ତରୀକରଣ ବିରୋଧ କରିବା। ଏହି ଅବସରରେ ଜିଲାର କୋଣ ଅନୁକୋଣରୁ ବହୁ ସାଧୁସନ୍ଥ ଯୋଗଦେଇଥିଲେ।

**ଦାରିଙ୍ଗବାଡି, (ଅରୁଣ ସାହୁ ):** ଦାରିଙ୍ଗବାଡିଠାରେ ବଡ଼ ଧୁମଧାମରେ ଶ୍ରୀରାମ ନବମୀ ପାଳନ କରାଯାଇଛି। ସାମୂହିକ ଭାବେ ହନୁମାନ ଚାଲିଶା ପାଠ କରାଯିବା ସହ ବିରାଟ ଶୋଭାଯାତ୍ରାରେ ଦାରିଙ୍ଗବାଡ଼ି ସମେତ ସିମନବାଡି ଓ କିରିକୁଟି ପଞ୍ଚାୟତ ପର୍ଯ୍ୟନ୍ତ ପ୍ରାୟ ୨୦ କିଲୋମିଟର ବାଇକ ଶୋଭାଯାତ୍ରାରେ ଶତାଧିକ ଶ୍ରୀରାମପ୍ରେମୀ ବାହାରିଥିଲେ। ଜନ୍ମଦିନରେ ଶ୍ରୀରାମଙ୍କ ଧର୍ମ ଓ ଉତ୍ତମ ଆଚରଣକୁ ମନେପକାଇବା ସହ ତାଙ୍କୁ ସ୍ମରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀରାମ ନବମୀ ମହୋତ୍ସବ ସମିତି (ଦାରିଙ୍ଗବାଡି) ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସମେତ ବିଭିନ୍ନ ହିନ୍ଦୁ ସଂଗଠନ ଓ ଅଞ୍ଚଳବାସୀ ବିଶେଷ କରି ଯୁବପିଢ଼ି ଏଥିରେ ସାମିଲ ହୋଇଥିଲେ। ଆଇନ ଶୃଙ୍ଖଳାର ତଦାରଖ ପାଇଁ ଦାରିଙ୍ଗବାଡି ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ପାଟ୍ରୋଲିଂ କରିଥିଲେ।



ବିଭିନ୍ନ ବେଶରେ ସଜ୍ଜିତ ହୋଇଥିବା କୁନି କୁନି କଳାକାରମାନେ।

**ଫିରିଙ୍ଗିଆ,(ବିକ୍ରମ ଦିଗାଲ):** ଫିରିଙ୍ଗିଆ ବ୍ଲକ ମାଣ୍ଡିପଡ଼ା ଛକ ଶ୍ରୀରାମ ମଣ୍ଡପରେ ଅନୁଷ୍ଠିତ ରାମନବମୀରେ ୮ କୀର୍ତ୍ତନ ଦଳ ଯୋଗ ଦେଇଥିବା ବେଳେ ବିଭିନ୍ନ ପ୍ରକାର ନାଚ ଗୀତ ମାଧ୍ୟମରେ କୀର୍ତ୍ତନ ପରିବେଷଣ କରିଥିଲେ। ଶ୍ରୀରାମ ନବମୀ କମିଟି ସଭାପତି ବିଶ୍ୱାମିତ୍ର ମଲ୍ଲିକ, ସମ୍ପାଦକ ମହେଶ୍ୱର କହଁର, ଶ୍ୟାମଘନ ମଲ୍ଲିକ, ପୂର୍ଣ୍ଣ ଚନ୍ଦ୍ର ନାୟକ ଓ ଅଜିତ୍ କୁମାର ନାୟକଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

**ବାଲିଗୁଡା,(ସଞ୍ଜୟ କୁମାର ପାଣିଗ୍ରାହୀ):** କନ୍ଧମାଳ ଜିଲା ବାଲିଗୁଡା ସହର ସହ ପୁରପଲ୍ଲୀରେ ଶ୍ରୀରାମ ନବମୀ ମହା ସମାରୋହରେ ପାଳିତ ହୋଇଯାଇଛି। ବିଭିନ୍ନ ମନ୍ଦିର ପରିଚାଳନା କମିଟି ତରଫରୁ ପଣା ଭୋଗ ଲାଗି କରିବା ପରେ ଲୋକଙ୍କୁ ବଣ୍ଟନ କରିଥିଲେ। ମଧ୍ୟାହ୍ନରେ ଅନ୍ନଭୋଗ ବଣ୍ଟନ କରିଥିଲେ। ସେହିପରି ବାଲିଗୁଡା ସ୍ଥିତ ସାଇ ପ୍ରଭୁଜୀ ଗ୍ଲୋବାଲ ସ୍କୁଲରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ରବି ନାରାୟଣ ମିଶ୍ର, ନିର୍ଦ୍ଦେଶକ ଓ ସମ୍ପାଦକ ଅଭିଜିତ ମିଶ୍ର ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

**ଜି.ଉଦୟଗିରି,(ଶିଶିର ପଟ୍ଟନାୟକ):** ଜି.ଉଦୟଗିରି ଜଗନ୍ନାଥ ମନ୍ଦିରରରେ ରିତିନୀତି ଅନୁଯାୟୀ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି। ମନ୍ଦିର ପରିଚାଳନା କମିଟି ତରଫରୁ ପୂର୍ବ ପ୍ରସ୍ତୁତି କରାଯାଇଥିବା ବେଳେ ସକାଳୁ ରିତିନୀତି ଆରମ୍ଭ ହୋଇଥିଲା। ମନ୍ଦିରରରେ ସଙ୍କତନ୍ତ୍ର ପୂଜା ସହିତ ହୋମ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା।

**ବୁଗୁଡ଼ା,(କାଳିଚରଣ ଦାଶ):** ସ୍ଥାନୀୟ ଶ୍ରୀ ବିରଞ୍ଚିନାରାୟଣ ମନ୍ଦିର ପରିସରସ୍ଥ ରଘୁନାଥ ଠାକୁରଙ୍କ ନବମୀ ଉତ୍ସବ ଯଥା ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବ ପାଳନ ଅବସରରେ ବହୁ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା। ସେହିପରି ବୁଗୁଡା ରଘୁନାଥ ସାହିସ୍ଥିତ ରଘୁନାଥ ମନ୍ଦିର, ବି ବ୍ରହ୍ମପୁର କଦମ୍ବ ମଠ ଓ ବାଲିପଦର ରଘୁନାଥ ମନ୍ଦିରରେ ଏହି ଉତ୍ସବ ପାରମ୍ପରିକ ରୀତିନୀତିରେ ପାଳନ କରାଯାଇଥିଲା।

# ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା

ଫୁଲବାଣୀ,୧୭।୪(ରାକେଶ କୁମାର ରାଉତ)

### ୧୧ କାଉନ୍‌ସିଲର ଅଜ୍ଞାତବାସରେ ଥିବା ସୂଚନା

ଫୁଲବାଣୀ ପୌର ପରିଷଦର ୧୩ଜଣ କାଉନସିଲରଙ୍କ ମଧ୍ୟରୁ ୧୧ ଜଣ ଅଧ୍ୟକ୍ଷା ସ୍ମିତାରାଣୀ ମହାନ୍ତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ସୂଚନା ମିଳିଛି। ଏହି ୧୧ କାଉନସିଲର ଜିଲାପାଳଙ୍କୁ ଅନସ୍ଥା ପାଇଁ ଲିଖିତ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଜିଲାପାଳଙ୍କ ଅଫିସରୁ ଏ ନେଇ ସମସ୍ତ କାଉନସିଲରଙ୍କୁ ନୋଟିସ ମଧ୍ୟ କରାଯାଇଛି। ତେବେ ଏହି ୧୧ କାଉନସିଲର ଏବେ ଅଜ୍ଞାତବାସରେ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୨ଜଣ ଭାଜପା କାଉନସିଲର ଥିବା ଜଣାପଡ଼ିଛି। ସୂଚନାନୁସାରେ, ଚଳିତ ପୌର ନିର୍ବାଚନରେ ଭାଜପାର ସ୍ମିତାରାଣୀ ମହାନ୍ତି ବିଜେଡ଼ିର ପୁନମ କହଁରକୁ ହରାଇ ପୌରାଧ୍ୟକ୍ଷା ହୋଇଥିଲେ। ହେଲେ ତାଙ୍କର ମନମୁଖି କାର୍ଯ୍ୟକଳାପକୁ କାଉନସିଲରମାନେ ବିରୋଧ କରିଆସୁଥିଲେ। ଏପରିକି ପୌର ପରିଷଦ ବୈଠକରେ ମଧ୍ୟ ବହୁବାର ହଙ୍ଗମା ହୋଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ କାର୍ଯ୍ୟକୁ ନେଇ ପୌରାଧ୍ୟକ୍ଷା ଓ କାଉନସିଲରମାନଙ୍କ ତୁ ତୁ ମେ ମେ ଲାଗି ରହୁଥିଲା। ସେହି ଅସନ୍ତୋଷ ଏବେ ଅନସ୍ଥା ପ୍ରସ୍ତାବରେ ପହଞ୍ଚିଛି। ଆଗକୁ ସାଧାରଣ ନିର୍ବାଚନ ହେଉଥିବା ବେଳେ ଅନସ୍ଥା ପ୍ରସ୍ତାବକୁ ନେଇ ଫୁଲବାଣୀରେ ଚର୍ଚ୍ଚା ଜୋରଧରିଛି।

# ୧ କୋଟି ଠକିନେଲେ ଦାଦା, ପୁତୁରା

ବ୍ରହ୍ମପୁର,୧୭।୪(ସୁବାସ ଚନ୍ଦ୍ର ପାଢ଼ୀ)

### ରାତାରାତି କୋଟିପତି ଲୋଭ ମହଙ୍ଗା ପଡିଲା

କ୍ରିପ୍ଟୋ ବଜାର ଏବଂ ରିୟଲ ଇଷ୍ଟେଟ ବ୍ୟବସାୟ ଭଳି ବିଭିନ୍ନ ସ୍କିମ ନାଁରେ ବ୍ରହ୍ମପୁରର ଜଣେ ବ୍ୟକ୍ତିଙ୍କଠାରୁ ପ୍ରାୟ ୧ କୋଟି ଟଙ୍କା ଠକେଇ ହୋଇଛି। ଅଭିଯୁକ୍ତମାନେ ମୋଟା ଅଙ୍କର ଲାଭ ମିଳିବା ପ୍ରତିଶ୍ରୁତି ଦେଇ ଟଙ୍କା ଠକି ନେଇଥିବା ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡସ୍ଥିତ ଏକ ଆପାର୍ଟମେଣ୍ଟରେ ରହୁଥିବା ଲଉଡିଗାଁର ହରିକ୍ରିଷ୍ଣା ସାହୁ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିଛି।

ଅଭିଯୋଗ ପ୍ରକାରେ, ଗତବର୍ଷ ଏପ୍ରିଲରେ ଏସ. ବାସୁଦେବ ପାତ୍ର ଓ ତାଙ୍କ ସମ୍ପର୍କୀୟ ଦାଦା ଏସ. ସୀତାରାମ ହରିକ୍ରିଷ୍ଣାଙ୍କ ନିକଟକୁ ଆସି କ୍ରିପ୍ଟୋ ବଜାର, ରିୟଲ ଇଷ୍ଟେଟ, ବିଦେଶୀ ଗିଫ୍ଟ କାର୍ଡ, ବ୍ୟାଙ୍କ ଗିଫ୍ଟ କାର୍ଡ, ଫେରେକ୍ସ କାର୍ଡ, ଚିଟଫଣ୍ଡ ଭଳି ବିଭିନ୍ନ ଯୋଜନା ବିଷୟରେ କହିଥିଲେ । ସେ ସବୁରେ ଟଙ୍କା ବିନିଯୋଗ କଲେ ରାତାରାତି କୋଟିପତି ହେବା ସମ୍ଭାବନା ରହିଛି ବୋଲି ସେମାନେ ବୁଝାଇଥିଲେ । ହେଲେ ଯେତିକି ଟଙ୍କା ବିନିଯୋଗ କରିବେ ତାହାର ୫ ପ୍ରତିଶତ ରୟାଲଟି ବାବଦକୁ ଦେବାକୁ ପଡିବ ବୋଲି ବାସୁଦେବ କହିଥିଲେ । ଯେହେତୁ ହରିକ୍ରିଷ୍ଣା ତାଙ୍କର ଜଣେ ବନ୍ଧୁଙ୍କ ଜରିଆରେ ବାସୁଦେବ ଓ ସୀତାରାମଙ୍କ ସହ ପରିଚିତେ ହୋଇଥିଲେ ତେଣୁ ତାଙ୍କ କଥାରେ ବିଶ୍ୱାସ କରିଥିଲେ । ହରିକ୍ରିଷ୍ଣା ପ୍ରାଥମିକ ପର୍ଯ୍ୟାୟରେ ବାସୁଦେବଙ୍କୁ ୪୦ ଲକ୍ଷ ଟଙ୍କା ଦେଇଥିଲେ। ଏହି ଟଙ୍କା ବିନିଯୋଗର ରୟାଲଟି ବାବଦକୁ ଅତିରିକ୍ତ ୨ ଲକ୍ଷ ଟଙ୍କା ଦେଇଥିଲେ । ଏହି ସମୟରେ ୨ ଜଣ ସାକ୍ଷୀ ଉପସ୍ଥିତ ଥିଲେ। ବାସୁଦେବ ଟଙ୍କା ନେବା ପରେ ଏକ ପ୍ରତିଶ୍ରୁତି ପ୍ରମାଣପତ୍ର ସହ ଚୁକ୍ତିନାମା ଦସ୍ତଖତ କରି ହରିକ୍ରିଷ୍ଣାଙ୍କୁ ଦେଇଥିଲେ। ଏହାର ୧ ମାସ ପରେ ହରିକ୍ରିଷ୍ଣା ଆଉ ୪୫ ଲକ୍ଷ ଟଙ୍କା ବାସୁଦେବଙ୍କୁ ଦେଇଥିଲେ। ୪୫ ଲକ୍ଷ ବିନିଯୋଗ କରାଇଦେବାର ରୟାଲଟି ବାବଦକୁ ଅତିରିକ୍ତ ୭ ଲକ୍ଷ ୨୫ ହଜାର ଟଙ୍କା ମଧ୍ୟ ଦେଇଥିଲେ। ସେହିକ୍ରମରେ ହରିକ୍ରିଷ୍ଣା ବିଭିନ୍ନ ପର୍ଯ୍ୟାୟରେ ବାସୁଦେବ ଓ ତାଙ୍କ ଦାଦା ସୀତାରାମଙ୍କୁ ପ୍ରାୟ ୧ କୋଟି ଟଙ୍କା ଦେଇଥିଲେ । ହେଲେ ଅନେକ ମାସ ପରେ ମଧ୍ୟ କୌଣସି ଲାଭ କିମ୍ବା କମିଶନ ନ ମିଳିବାରୁ ହରିକ୍ରିଷ୍ଣା ଏ ବିଷୟରେ ପଚାରିବାକୁ ୨୦୨୩ ଡିସେମ୍ବର ୫ ତାରିଖରେ ବାସୁଦେବଙ୍କ ଘରକୁ ଯାଇଥିଲେ। ସେଠାରେ ବାସୁଦେବ ଓ ତାଙ୍କ ଦାଦା ଉପସ୍ଥିତ ରହି ୩ରୁ ୪ ମାସ ଭିତରେ ୨ ଗୁଣା ଟଙ୍କା ମିଳିଯିବ ବୋଲି କହିଥିଲେ। ଯଦି ଟଙ୍କା ନ ମିଳେ ସେହି ମୂଲ୍ୟରେ ଭୁବନେଶ୍ୱର କିମ୍ବା ବ୍ରହ୍ମପୁର ସହରରେ ଜମି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ୪ ମାସ ପରେ ମଧ୍ୟ ତାଙ୍କ ମୂଳ ଟଙ୍କା କିମ୍ବା କମିଶନ ମିଳିନଥିଲା । ଫଳରେ ୨୦୨୪ ଏପ୍ରିଲ ୯ ତାରିଖରେ ହରିକୃଷ୍ଣ ଏସଏନଟି ରୋଡ ଠାରେ ସୀତାରାମଙ୍କୁ ଭେଟି ଟଙ୍କା ଓ ପ୍ଲଟ ବିଷୟରେ ପଚାରିଥିଲେ। ବାସୁଦେବ ଭୁବନେଶ୍ୱରରେ ରହି ରିୟଲ ଇଷ୍ଟେଟ ବ୍ୟବସାୟ କରୁଛନ୍ତି, ଅତିଶୀଘ୍ର ଟଙ୍କା ଫେରାଇ ଦେବେ ବୋଲି ସୀତାରାମ କହିଥିଲେ । ଟଙ୍କା ଜରୁରୀ ଥିବା ହରିକ୍ରିଷ୍ଣା ଅନୁରୋଧ କରିବାରୁ ଉତକ୍ଷିପ୍ତ ହୋଇ ବାସୁଦେବ ଓ ସୀତାରାମ ତାଙ୍କୁ ବିଭିନ୍ନ ଧମକ ଦେଇଥିଲେ । ଉଭୟେ ମିଥ୍ୟା ପ୍ରତିଶ୍ରୁତି ଦେଇ ଏବଂ ଜାଲ କାଗଜପତ୍ର ଦେଖାଇ ଟଙ୍କା ଠକି ନେଇଥିବା ଜାଣିବା ପରେ ହରିକ୍ରିଷ୍ଣା ମଙ୍ଗଳବାର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ .୧୪୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ବିଜେଡି ପକ୍ଷରୁ ବାଇକ୍ ଶୋଭାଯାତ୍ରା

ଆସିକା, ୧୭।୪ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳି ବିଜୁ ଜନତାଦଳ ପକ୍ଷରୁ ବୁଧବାର ପ୍ରବାଦ ପୁରୁଷ ବିଜୁବାବୁଙ୍କ ୨୭ତମ ତିରୋଧାନ ଦିବସ ପାଳିତ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ସୁବର୍ଣ୍ଣେଶ୍ୱର ମନ୍ଦିର ସଂଲଗ୍ନ ଋଷିକୂଲ୍ୟା ନଦୀ ଘାଟରେ ଦଳୀୟ ନେତା ଓ କର୍ମୀମାନେ ତିଳ ତର୍ପଣ କରିବା ସହ ଶପଥପାଠ କରିଥିଲେ । ତା'ପରେ ଏକ ବିରାଟ ବାଇକ ଶୋଭାଯାତ୍ରାରେ ଆସିକା ଏମପି ପ୍ରମିଳା ବିଷୋୟୀ, ବିଧାୟିକା ତଥା ଆଗାମୀ ନିର୍ବାଚନର ଦଳୀୟ ବିଧାୟକ ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁ, ଏମପି. ପ୍ରାର୍ଥୀ ରଞ୍ଜିତା ସାହୁ, ବରିଷ୍ଠ ବିଜେଡି ସଂଗଠକ ହରପ୍ରସାଦ ସାହୁ, ନଚିକେତା ସ୍ୱାଇଁ, ଭଗବାନ ସାହୁ, ଦିଲ୍ଲୀପ ପାଣିଗ୍ରାହୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ଭବାନୀ ଶଙ୍କର ମଲିକ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ଶିବ ନାହାକ, ସୂର୍ଯ୍ୟକାନ୍ତ ପରିଡା, ଅନିଲ ନାହାକ, ଜିଲ୍ଲା ପରିଷଦ ସଦସ୍ୟ ମନୋଜ ଦୋରା, ତନ୍ମୟୀ ନାହାକ, ନନ୍ଦ କୁମାର ବିଷୋୟୀ, ଅଜିତ ଚୌଧୁରୀ, ବିଦ୍ୟାନ୍ତ ଚର୍ଚ୍ଚିଙ୍କ ସମେତ ଶତାଧିକ କର୍ମୀ ଏକ ବାଇକ ଶୋଭାଯାତ୍ରା ସୁବର୍ଣ୍ଣେଶ୍ୱର ମନ୍ଦିରରୁ ବାହାରି ଆସିକା ସହର ପରିକ୍ରମା ପରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ତା'ପରେ ଏହି ଶୋଭାଯାତ୍ରା ମୁକୁନ୍ଦପୁର, ନୂଆଗାଁ, ଭେଟନଈ, ବଡଖୋଲି, ଗହଙ୍ଗୁ, କେନ୍ଦୁପଦର, ନିମିନା ହୋଇ ବାଲିସିରା ଠାରେ ଉଦ୍‌ଯାପିତ ହୋଇଥିଲା।

## ୬ ସର୍କଲରେ ଭ୍ରାମ୍ୟମାଣ ସବଷ୍ଟେଶନ

### ଗ୍ରୀଷ୍ମରେ ସେବା ପାଇଁ ଟିପିଏସ୍ଓଡିଏଲ୍‌ର ପଦକ୍ଷେପ




ବ୍ରହ୍ମପୁର,୧୭।୪(ସ୍ମୃତି ରଞ୍ଜନ ମହାଲିକ)

ଗ୍ରୀଷ୍ମରେ ଉତ୍କୃଷ୍ଟମାନର ବିଦ୍ୟୁତ ସେବା ଯୋଗାଇବା ପାଇଁ ଟିପିଏସଓଡିଏଲ ପକ୍ଷରୁ ୬ ସର୍କଲରେ ଭ୍ରାମ୍ୟମାଣ ସବଷ୍ଟେଶନ କରାଯାଇଛି। ପ୍ରତି ସବଷ୍ଟେଶନରେ ବିତରଣ ଟ୍ରାନ୍ସଫର୍ମର ଓ ସୁରକ୍ଷା ଉପକରଣ ରହିଛି। ଭ୍ରାମ୍ୟମାଣ ଟ୍ରଲି ଉପରେ ଏହାକୁ ରଖାଯାଇଛି। ଆବଶ୍ୟକ ସମୟରେ ତୁରନ୍ତ ଏହାକୁ କର୍ମସ୍ଥଳିକୁ ନିଆଯାଇପାରିବ। ଯାତ୍ରା ଅବଧିକୁ ବାଦଦେଇ ଦେଢ ଘଣ୍ଟା ମଧ୍ୟରେ ଏହା କାର୍ଯ୍ୟକ୍ଷମ ହୋଇପାରିବ। ଗ୍ରୀଷ୍ମରେ ବିଜୁଳି ଚାହିଦା ବଢୁଥିବା ବେଳେ ଏହି ପଦକ୍ଷେପ ବେଶ ସହାୟକ ହେବ। ଜରୁରୀକାଳୀନ ପରିସ୍ଥିତି, ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରକଳ୍ପ କାର୍ଯ୍ୟ ଆଦି ବିଭିନ୍ନ ପରିସ୍ଥିତିରେ ଏହା ସେବା ଯୋଗାଇପାରିବ। ସହଜରେ ନେବା ଆଣିବା ହୋଇପାରୁଥିବାରୁ ଏହା ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା କରିପାରିବ ବୋଲି କୁହାଯାଇଛି। ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ବର୍ତ୍ତମାନ ସମୟରେ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ସେବା ଯୋଗାଇବା ଆମ ଲକ୍ଷ୍ୟ। ଗ୍ରୀଷ୍ମରେ ଦ୍ରୁତ ବିଦ୍ୟୁତ ପୁନଃ ଯୋଗାଣରେ ଏହି ସବ ଷ୍ଟେଶନର ପ୍ରମୁଖ ଭୂମିକା ରହିବ ବୋଲି ସେ କହିଛନ୍ତି।

# ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ

ଗଞ୍ଜାମ,୧୭।୪(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ସ୍ଥିତ ସାମନ୍ତରାୟ ସାହିଠାରେ ଗଞ୍ଜାମ ଏନ୍ଏସି ବିଜେଡି ପକ୍ଷରୁ ବୁଧବାର ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡା, ଏନ୍ଏସି ଉପନଗରପାଳ ସୁରେନ୍ଦ୍ର ବାରିକି, ପୂର୍ବତନ ଏନ୍ଏସି ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକି, ନଗର ସଭାପତି ରଙ୍ଗନାଥ ପଲାଇ, ବିଜେଡି ଏନ୍ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ (ସିଲୁ), ଏନ୍ଏସି ସାଙ୍ଗଠନିକ ସମ୍ପାଦକ ନିରଞ୍ଜନ କୁମାର ପରିଡ଼ା, ବିଜେଡି ଯୁବନେତା ବିଭୂତି ପଲାଇ, କାଉନସିଲର ସୁଜାତା ମହାନ୍ତି ଓ ସମସ୍ତ ୱାର୍ଡ କାଉନସିଲରମାନଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**ଧରାକୋଟ (ବିଷ୍ଣୁକେଶରୀ ଆଚାର୍ଯ୍ୟ):** ଓଡ଼ିଶା ବରପୁତ୍ର, କିମ୍ବଦନ୍ତୀ ପୁରୁଷ,ଝଡ଼ର ଇଗଲ ତଥା ଜନନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୭ ଶ୍ରାଦ୍ଧ ଦିବସ ବୁଧବାର ଧରାକୋଟ ରାଜବାଟୀ ପରିସରରେ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି।

**କବିସୂର୍ଯ୍ୟନଗର (କୃପାସିନ୍ଧୁ ସ୍ୱାଇଁ):** କବିସୂର୍ଯ୍ୟନଗରଠାରେ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଏକ ବାଇକ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବିସୂର୍ଯ୍ୟନଗର ବିଜେଡି ବିଧାୟିକା ପ୍ରାର୍ଥିନୀ ଲତିକା ପ୍ରଧାନ ଓ ବିଜୁପ୍ରେମୀ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସନ୍ଧ୍ୟାରେ କବିସୂର୍ଯ୍ୟନଗର, କୋଦଳା, ବେଗୁନିଆପଡାଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ବାଇକ୍ ଶୋଭାଯାତ୍ରା ବେଳେ ଏନ୍ଏସି ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠୀ,ଏନ୍ଏସି ଉପାଧ୍ୟକ୍ଷ ବିକ୍ରାନ୍ତ ସାହୁ, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ରସଲ ଦାସ, ନଗର ଯୁବ ବିଜେଡି ସଭାପତି ରାଜେନ୍ଦ୍ର ଖଟେଇ, ପ୍ରଶ୍ନ ନାୟକ, ରାକେଶ ପ୍ରଧାନ, ସୂର୍ଯ୍ୟନାରାୟଣ ନାୟକ, ତ୍ରିଲୋଚନ ପାତ୍ର, ବିପିନ ଶତପଥୀ ସାମିଲ ଥିଲେ।



କନ୍ଧମାଳ ଜିଲା ରାଇକିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ ।

**ହିଞ୍ଜିଳିକାଟୁ (ଦ୍ୱିତୀକୃଷ୍ଣ ପଣ୍ଡା):** ହିଞ୍ଜିଳିକାଟୁ ନଗର ଓ ବ୍ଲକ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ରଙ୍କ ସଂଯୋଜନାରେ ହିଞ୍ଜିଳିକାଟୁ ବିଜେଡି କାର୍ଯ୍ୟାଳୟରୁ ଦଳର ନେତା ଓ କର୍ମୀ ଶୋଭାଯାତ୍ରାରେ ବିଜୁପଟ୍ଟନାୟକ ଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିଜୁବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ନିମନ୍ତେ ଶପଥ ପାଠ କରିଥିଲେ।

**ରାଇକିଆ (ପ୍ରଦୀପ ବେହେରା):** ରାଇକିଆଠାରେ ଜି ଉଦୟଗିରି ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। କତକନ୍ଦିଠାରେ ଦଳୀୟ କର୍ମୀଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ଜି ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷ ସାଧବାଣୀ ନାୟକ, ଜି ଉଦୟଗିରି ଏନ୍ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଜି ଉଦୟଗିରି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ କ୍ଲେଶ ପ୍ରଧାନ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ ଉପସ୍ଥିତ ଥିଲେ।

**ପାରଳାଖେମୁଣ୍ଡି, (ଗିରିଧାରୀ ପରିଚ୍ଛା):** ପାରଳାଖେମୁଣ୍ଡିରେ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ସକାଳେ ଦଳୀୟ ନେତା ଓ କର୍ମୀମାନେ ତିଳଅର୍ପଣ କରିଥିଲେ। ପରେ ବିଜେଡି କାର୍ଯ୍ୟାଳୟଠାରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ କରାଯାଇଥିଲା। କଲେଜ ଛକ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ସମସ୍ତ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ବିଜେଡି ଯୁବ ଉପସଭାପତି ଯୁବନେତା ଇଂ. ରୂପେଶ କୁମାର ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ମାରୁତ ପାଲ, ଭରତ ଭୂଷଣ ମହାନ୍ତି, ଜମିଦାର ପଟନାୟକ, ବରିଷ୍ଠ ନେତା ବସନ୍ତ ଦାସ, ପ୍ରଦୀପ କୁମାର ନାୟକ ପ୍ରମୁଖଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯାଇଥିଲା।

